ସଚିବଙ୍କ ଦ୍ୱାରା ପ୍ରତିନିଧିତ୍ୱରେ ଭାରତ ସରକାର

ବନାମ

କେ.ଭି. ସ୍ୱାମିନାଥନ୍

ନଭେମ୍ବର 18,1996

[କେ.ରାମାସ୍ୱାମୀ ଏବଂ ଜି.ବି. ପଟ୍ଟନାୟକ, ନ୍ୟାୟମୂର୍ତ୍ତିଦ୍ୱୟ]

*ଅବସରକାଳୀନ ଭତ୍ତା :*

*ସ୍ୱାଧୀନତା ସଂଗ୍ରାମୀ – ଅବସରକାଳୀନ ଭତ୍ତା ପାଇଁ ଦାବି –ସନ୍ଦେହର ସୁବିଧା ଆଧାରରେ ମଞ୍ଜୁର କରାଯାଇଛି – ଆବେଦନ ତାରିଖ ଠାରୁ ଦାବି –ଦର୍ଶାଇଯାଇଛି, ପୋଷଣୀୟ ନୁହେଁ – ଦାବିଦାର କେବଳ ଆଦେଶ ତାରିଖରୁ ଅବସରକାଳୀନ ଭତ୍ତା ପାଇବାକୁ ହକଦାର ଏବଂ ଆବେଦନ ତାରିଖ ଠାରୁ ନୁହେଁ – ଉଚ୍ଚ ନ୍ୟାୟାଳୟଙ୍କ ଆଦେଶ ଦ୍ୱାରା ଜାରି କରାଯାଇଥିବା ରାଶି ପ୍ରତି ମାସରେ ଦେୟ ପରିମାଣରୁ ସମାନୁପାତିକ ଭାବରେ କଟାଯିବ ।*

*ଭାରତ ସଂଘ ବନାମ ଏମ୍.ଆର୍. ଚେଲିଆ ଥେଭର୍* **ସିଏ ସଂଖ୍ୟା 7762 /1996, 30.4.1996 ତାରିଖର ନିଆଯାଇଥିବା ନିଷ୍ପତ୍ତି ଉପରେ ନିର୍ଭର କରିଥିଲେ ।**

*ଭାରତ ସଂଘ ବନାମ ଗଣେଶ ଚନ୍ଦ୍ର ଦୋଲାଇ ଏବଂ ଅନ୍ୟମାନେ, [1997]* ***10 SCC 289; ମୁକୁନ୍ଦ*** *ଲାଲ ଭଣ୍ଡାରି ଏବଂ ଅନ୍ୟମାନେ ବନାମ ଭାରତ ସଂଘ ଏବଂ ଅନ୍ୟମାନେ, [1993]* ***Supp 3 SCC 3;*** *ଅମରନାଥ ମାଲହୋତ୍ରା ଏବଂ ଅନ୍ୟମାନେ ବନାମ* ***ୟୁଓଆଇ, 19.10.1994 ତାରିଖରେ ନିଷ୍ପତ୍ତି ନିଆଯାଇଛି, ଉଦ୍ଧୃତ କରାଯାଇଛି ।***

ଦେୱାନୀ ଅପିଲ ଅଧିକାରିତା : ଦେୱାନୀ ଅପିଲ ସଂଖ୍ୟା 15077/1996 ।

ଡବ୍ଲ୍ୟୁ.ପି. ସଂଖ୍ୟା 15732/1994 ରେ ମାଡ୍ରାସ ଉଚ୍ଚ ନ୍ୟାୟାଳୟଙ୍କର 14.3.95 ତାରିଖର ରାୟ ଏବଂ ଆଦେଶରୁ ।

ଅପିଲକାରୀଙ୍କ ପାଇଁ ହେମନ୍ତ ଶର୍ମା ଏବଂ ପି.ପରମେଶ୍ୱରନ ।

ଉତ୍ତରଦାତାଙ୍କ ପାଇଁ ଡଃ. ଏ. ଫ୍ରାନ୍ସିସ୍ ଜୁଲିଆନ୍ ଏବଂ ଏ. ମାରିୟାରପୁଥାମ ।

ନ୍ୟାୟାଳୟଙ୍କର ନିମ୍ନଲିଖିତ ଆଦେଶ ପ୍ରଦାନ କରାଯାଇଥିଲା :

ଅନୁମତି ପ୍ରଦାନ କରାଗଲା ।

ସ୍ୱତନ୍ତ୍ର ଅନୁମତି ଦ୍ୱାରା ଏହି ଅପିଲ ଡବ୍ଲ୍ୟୁ.ପି. ସଂଖ୍ୟା 15732/94 ରେ ମାଡ୍ରାସ ହାଇନ୍ୟାୟାଳୟଙ୍କର 14.3.1995 ତାରିଖରେ ଦିଆଯାଇଥିବା ରାୟରୁ ଉତ୍ପନ୍ନ ହୋଇଛି । ଉତ୍ତରଦାତା ସ୍ୱାଧୀନତା ସଂଗ୍ରାମୀ ଭାବେ ଏହି ସୁବିଧା ଦାବି କରିଥିଲେ, କିନ୍ତୁ ଏହା ଦୀର୍ଘ ସମୟ ଧରି ବିଚାରାଧୀନ ରହିଥିଲା । ପରିଶେଷରେ, ଉତ୍ତରଦାତାଙ୍କୁ ସନ୍ଦେହଜନିତ ସୁବିଧା ପ୍ରଦାନ କରି, ତାଙ୍କୁ 18.11.1989 ତାରିଖରେ ଅବସରକାଳୀନ ଭତ୍ତା ପ୍ରଦାନ କରାଯାଇଥିଲା । ଏହି ପ୍ରତିକାରରେ ସନ୍ତୁଷ୍ଟ ନହୋଇ,

ଉତ୍ତରଦାତା ତାଙ୍କ ଆବେଦନ ତାରିଖ ଠାରୁ ଅବସରକାଳୀନ ଭତ୍ତା ଦାବି କରି ରିଟ୍ ଆବେଦନ ଦାଖଲ କରିଥିଲେ । ଏହି ଆକ୍ଷେପିତ ଆଦେଶରେ ଉଚ୍ଚ ନ୍ୟାୟାଳୟ ଆବେଦନ ତାରିଖ ଠାରୁ ଅବସରକାଳୀନ ଭତ୍ତା ପ୍ରଦାନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି । ଏହି ବିବାଦ ଏବେ ନିଷ୍ପତ୍ତି ନହୋଇଥିବା ବିଷୟ ହୋଇ ରହିନାହିଁ । ଏହି ନ୍ୟାୟାଳୟ ଭାରତ ସଂଘ ବନାମ ଏମ୍.ଆର୍. *ଚେଲିଆ ଥେଭର* ସି.ଏ. ସଂଖ୍ୟା 7762/96 ରେ ସମଗ୍ର ବିବାଦକୁ ବିଚାର କରିଥିଲେ ଏବଂ ଏପ୍ରିଲ 30,1996 ରେ ନିଷ୍ପତ୍ତି ନେଇଥିଲେ ଏବଂ ଏହିପରି ଦର୍ଶାଇଥିଲେ :

> "ଉଭୟ ପକ୍ଷର ଅଧିବକ୍ତାଙ୍କୁ ଶୁଣିଲୁ । ଭାରତ ସଂଘ ତରଫରୁ ଏହି ନ୍ୟାୟାଳୟଙ୍କର ଖଣ୍ଡପୀଠର 24 ଏପ୍ରିଲ, 1995 ର ନିଷ୍ପତ୍ତି ଉପରେ ଦୃଢ ନିର୍ଭରଶୀଳତା ରଖାଯାଇଥିଲା । ଅନ୍ୟପକ୍ଷରେ, ଉତ୍ତରଦାତାଙ୍କ ପାଇଁ ବିଜ୍ଞ ଅଧିବକ୍ତା *ମୁକୁନ୍ଦ ଲାଲ ଭଣ୍ଡାରି ଏବଂ ଅନ୍ୟମାନେ ବନାମ ଭାରତ ସଂଘ ଏବଂ ଅନ୍ୟମାନେ,* 1993 Supp.(3) 2 ରେ ଏହି ନ୍ୟାୟାଳୟଙ୍କର ପୂର୍ବ ରାୟ ଉପରେ ନିର୍ଭରଶୀଳ ଥିଲେ, ଏବଂ ଏହା ସହିତ ଅମରନାଥ ମାଲହୋତ୍ରା ଏବଂ ଅନ୍ୟମାନେ ବନାମ ଭାରତ ସଂଘରେ 19 ଅକ୍ଟୋବର, 1994 ରେ ଦିଆଯାଇଥିବା ନିଷ୍ପତ୍ତି ଉପରେ ନିର୍ଭର କରିଥିଲେ । ତଥାପି, ପାର୍ଥକ୍ୟଟି ହେଉଛି ଯେ, ଭାରତ ସଂଘ ଦ୍ୱାରା ନିର୍ଭର କରାଯାଇଥିବା ମାମଲାରେ, ଉତ୍ତରଦାତାମାନଙ୍କୁ ଏହି ନୀତି ଅଧୀନରେ ସୁବିଧା ପ୍ରଦାନ କରାଯାଇଥିଲା କାରଣ ଏହା ଉତ୍ତରଦାତାମାନଙ୍କର ସ୍ୱାଧୀନତା ସଂଗ୍ରାମୀ ହେବାର ଏକ ସ୍ପଷ୍ଟ ମାମଲା ନୁହେଁ ବରଂ ସନ୍ଦେହଜନିତ ସୁବିଧା ଦିଆଯାଇଥିଲା ଏବଂ ତେଣୁ ଅବସରକାଳୀନ ଭତ୍ତା ଆବେଦନ ତାରିଖରୁ ନୁହେଁ ବରଂ ଆଦେଶ ତାରିଖ ଠାରୁ ସୀମିତ କରାଯାଇଥିଲା । ଉତ୍ତରଦାତାମାନଙ୍କ ଦ୍ୱାରା ନିର୍ଭର କରାଯାଇଥିବା ଦୁଇଟି ମାମଲାରେ, ତଥ୍ୟର ଏକ ସିଦ୍ଧାନ୍ତ ଉପରେ ଆଧାରିତ ହୋଇଥିବା ସୁବିଧାର କୌଣସି ପ୍ରଶ୍ନ ନଥିଲା, ଯାହା ସ୍ପଷ୍ଟ ଭାବରେ ସ୍ଥାପିତ କରିନଥିଲା ଯେ, ଆବେଦନକାରୀମାନେ ସ୍ୱାଧୀନତା ସଂଗ୍ରାମୀ ଥିଲେ, କିନ୍ତୁ ସେମାନଙ୍କୁ ସନ୍ଦେହଜନିତ ସୁବିଧା ଦେବା ଏବଂ ଆଦେଶ ତାରିଖ ଠାରୁ ଏହାକୁ ସୀମିତ କରିବାର ଏକ ଉଦାର ଆଧାର ରହିଥିଲା । ତେଣୁ ଆମର ମତ ହେଉଛି ଯେ, ଭାରତ ସଂଘ ତରଫରୁ ବିଜ୍ଞ ଅତିରିକ୍ତ ମହା ନ୍ୟାୟାଭିକର୍ତ୍ତାଙ୍କ ଦ୍ୱାରା ନିର୍ଭର କରାଯାଇଥିବା ନିଷ୍ପତ୍ତି ଏବଂ ଉତ୍ତରଦାତାଙ୍କ ଦ୍ୱାରା ନିର୍ଭର କରାଯାଇଥିବା ଦୁଇଟି ନିଷ୍ପତ୍ତି ମଧ୍ୟରେ ପାର୍ଥକ୍ୟ ଅଛି । ଏହି ମାମଲାରେ, ଯେହେତୁ ସନ୍ଦେହଜନିତ ସୁବିଧା ପ୍ରଦାନ କରାଯାଇଥିଲା ଏବଂ ସେହି ଆଧାରରେ ସ୍ୱାଧୀନତା ସଂଗ୍ରାମୀର ମାନ୍ୟତା ସ୍ୱୀକୃତି ଦିଆଯାଇଥିଲା, ଏହି ମାମଲା 24 ଏପ୍ରିଲ, 1995 ତାରିଖ (ଭାରତ ସଂଘ ବନାମ ଗଣେଶ ଚନ୍ଦ୍ର ଦୋଲାଇ ଏବଂ ଅନ୍ୟମାନେ) ର ପ୍ରଥମ ଉଲ୍ଲିଖିତ ନିଷ୍ପତ୍ତି ଦ୍ୱାରା ଅନ୍ତର୍ଭୁକ୍ତ ହେବ ।

ଉପରୋକ୍ତ ସ୍ଥିରୀକୃତ ଆଇନଗତ ସ୍ଥିତିକୁ ଦୃଷ୍ଟିରେ ରଖି, ଯଦିଓ ଉତ୍ତରଦାତା ଜଣେ ସ୍ୱାଧୀନତା ସଂଗ୍ରାମୀ ଭାବରେ ଅବସରକାଳୀନ ଭତ୍ତା ପାଇବାକୁ ହକଦାର ନଥିଲେ, ତଥାପି ତାଙ୍କୁ ସନ୍ଦେହ ଜନିତ ସୁବିଧା ଆଧାରରେ ଏହି ପ୍ରତିକାର ଦିଆଯାଇଥିଲା । ତେଣୁ, ସେ କେବଳ ଆଦେଶ ତାରିଖ ଠାରୁ ଅବସରକାଳୀନ ଭତ୍ତା ପାଇବାକୁ ହକଦାର ଏବଂ ଆବେଦନ ତାରିଖ ଠାରୁ ନୁହେଁ । ଆମକୁ ଅବଗତ କରାଯାଇଛି ଯେ, ଉଚ୍ଚ ନ୍ୟାୟାଳୟଙ୍କ ଆଦେଶ ଅନୁଯାୟୀ, ଏହି ରାଶି ଜାରି କରାଯାଇଛି । ଏହି ପରିସ୍ଥିତିରେ, ଅପିଲକାରୀଙ୍କୁ ରାଶି ଫେରସ୍ତ କରିବାକୁ କହିବା ପରିବର୍ତ୍ତେ, ପ୍ରତି ମାସରେ ଦେୟ ପରିମାଣରୁ ସମାନୁପାତିକ ଭାବରେ ପଇଠ କରିବାର ପରିମାଣକୁ ନିର୍ଦ୍ଦେଶ ଦିଆଯାଇଛି ।

ତଦନୁସାରେ, ଅପିଲକୁ ଅନୁମତି ଦିଆଗଲା । କୌଣସି ଖର୍ଚ୍ଚ ନାହିଁ ।

ଆର୍.ପି. ଅପିଲକୁ ଅନୁମତି ଦିଆଗଲା ।

**ଅସ୍ୱୀକରଣ**

"ଉପଭାଷାରେ ଅନୁବାଦିତ ରାୟ କେବଳ ମକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ। "

**ଅନୁବାଦିକା :**
ସସ୍ମିତା ନାଏକ , ଓଡ଼ିଶା ଉଚ୍ଚ ନ୍ୟାୟାଳୟ